1. କେଉଁଟି ଓଡ଼ିଆ ସ୍ୱର ଧ୍ୱନିର ଲକ୍ଷଣ ନୁହେଁ ?

(A) ସଘୋଷତା
(B) ନିର୍ବାଧ ବାୟୁ ପ୍ରବାହ
(C) ନିରନୁନାସିକତା
(D) ସ୍ୱରତନ୍ତ୍ରୀରେ କଂପନହୀନତା

2. ବର୍ଗ୍ୟ ବ୍ୟଂଜନ ଧ୍ୱନିଗୁଡ଼ିକର କେଉଁ କେଉଁ ଧ୍ୱନି ମହାପ୍ରାଣ ?

(A) ପ୍ରଥମ ଓ ଦ୍ୱିତୀୟ
(B) ଦ୍ୱିତୀୟ ଓ ତୃତୀୟ
(C) ଦ୍ୱିତୀୟ ଓ ଚତୁର୍ଥ
(D) ତୃତୀୟ ଓ ପଞ୍ଚମ

3. ଉଚ୍ଚାରଣ ସ୍ଥାନ ଓ ପ୍ରଯତ୍ନବିଧି ବିଚାରରେ ସ୍ୱାତନ୍ତ୍ର୍ୟ ଥିବା ବ୍ୟଂଜନ ବର୍ଣ୍ଣଗୁଡ଼ିକୁ କ'ଣ କୁହାଯାଏ ?

(A) ବର୍ଗ୍ୟ ବ୍ୟଂଜନ ବର୍ଣ୍ଣ
(B) ଅବର୍ଗ୍ୟ ବ୍ୟଂଜନ ବର୍ଣ୍ଣ
(C) ଲୋଡ଼ିତ ବ୍ୟଂଜନ ବର୍ଣ୍ଣ
(D) ସ୍ପର୍ଶ ସଂଘର୍ଷୀ ବ୍ୟଂଜନ ବର୍ଣ୍ଣ

4. କେଉଁଟି ଦେଶଜ ଶବ୍ଦ ?

(A) ଡଗର
(B) ଉଆସ
(C) ସରାଇ
(D) ଲତା

5. 'ବାଖର' କେଉଁ ଶବ୍ଦ ବର୍ଗର ଅନ୍ତର୍ଭୁକ୍ତ ?

(A) ତତ୍ସମ
(B) ତଦ୍ଭବ
(C) ଦେଶଜ
(D) ବୈଦେଶିକ

6. କେଉଁଟି କୃଦନ୍ତ ପଦ ?

(A) ଲାଘବ
(B) କ୍ରୋଧ
(C) କୌତୁକ
(D) ଭାଦ୍ର

7. 'ବୈଶ୍ରବଣ' ଶବ୍ଦରେ କେଉଁ ଅର୍ଥରେ 'ଅ' ପ୍ରତ୍ୟୟ ହୋଇଛି ?

(A) ଭକ୍ତ ଅର୍ଥରେ
(B) ଭାବାର୍ଥରେ
(C) ଅପତ୍ୟ ଅର୍ଥରେ
(D) ଆଗତ ବା ପ୍ରାପ୍ତ ଅର୍ଥରେ

8. କେଉଁଟି 'ତଡ଼ିଲ୍ଲତା' ଶବ୍ଦର ସନ୍ଧିବିଚ୍ଛେଦ ରୂପ ?

(A) ତଡ଼ିତ୍ + ଲତା
(B) ତଡ଼ + ଇତ + ଲତା
(C) ତଡ଼ିତ + ଲତା
(D) ତଡ଼ି + ଲତା

9. 'ମୁକ୍ତି ପାଇବାକୁ ଇଚ୍ଛା'କୁ ଏକପଦରେ ପ୍ରକାଶ କଲେ କ'ଣ ହେବ ?

(A) ମୁମୂର୍ଷୁ
(B) ମୁକ୍ତିକାମୀ
(C) ମୁକ୍ତିକାଂକ୍ଷୀ
(D) ମୁମୁକ୍ଷା

OdishaJobAlert.Net

10. ''ମୋ ନୀତି ତାଙ୍କ ନୀତି ଠାରୁ ଭିନ୍ନ ।'' – ଏ ବାକ୍ୟରେ 'ନୀତି ଠାରୁ' ଠାରେ କେଉଁ ଅର୍ଥରେ ପଞ୍ଚମୀ ବିଭକ୍ତି ହୋଇଛି ?

(A) ହେତୁ ବା କାରଣ ବୁଝାଇବା ଅର୍ଥରେ

(B) ଦୁଇ ବା ବହୁ ଭିତରେ ଉତ୍କର୍ଷ ବା ଅପକର୍ଷ ବୁଝାଇବା ଅର୍ଥରେ

(C) ଭିନ୍ନାର୍ଥକ ଶବ୍ଦ ଯୋଗେ

(D) ଅସମାପିକା କ୍ରିୟା ଲୋପେ

11. ଅନ୍ୟୋନ୍ୟ ସାଦୃଶ୍ୟ ବା ଅସାଦୃଶ୍ୟ ଅର୍ଥରେ କେଉଁ ବିଭକ୍ତି ହୁଏ ?

(A) ତୃତୀୟା (B) ଚତୁର୍ଥୀ

(C) ପଞ୍ଚମୀ (D) ସପ୍ତମୀ

12. ''ଗୁଣବିଶିଷ୍ଟ ସୃଷ୍ଟି ବିଶ୍ୱସ୍ରଷ୍ଟା ବିଭିନ୍ନ ବିଭିନ୍ନ ବ୍ୟକ୍ତିଙ୍କୁ କରିଛନ୍ତି ।'' – ଏଠାରେ କେଉଁ ଲକ୍ଷଣ ଅଭାବ ଯୋଗୁଁ ଏହାକୁ ଶୁଦ୍ଧ ବାକ୍ୟ କୁହାଯିବ ନାହିଁ ?

(A) ଆକାଙ୍କ୍ଷା (B) ଆସତ୍ତି

(C) ଯୋଗ୍ୟତା (D) ଯୁକ୍ତିଯୁକ୍ତତା

13. ନିମ୍ନ ସମସ୍ତପଦରେ କେଉଁଟିର ପୂର୍ବପଦ ବିଶେଷଣ ଏବଂ ପରପଦ ବିଶେଷଣ ?

(A) ରାଜର୍ଷି (B) ପୁରୁଷୋତ୍ତମ

(C) ପୁଷ୍ପିତଲତା (D) ନତୋନ୍ନତ

14. 'ମୁଣ୍ଡ ଥଣ୍ଡା କରିବା' ରୂଢ଼ି କେଉଁ ଅର୍ଥରେ ବ୍ୟବହୃତ ହୁଏ ?

(A) ପ୍ରକୃତିସ୍ଥ ହେବା (B) ମୁଣ୍ଡରେ ପାଣିଦେବା

(C) ମୁଣ୍ଡରେ ତେଲ ମାଲିସ୍ କରିବା (D) ମୁଣ୍ଡ ଖେଳେଇବା

15. କେଉଁଟି ବୈଦର୍ଭୀ ରୀତି ପାଇଁ ଆବଶ୍ୟକ ନୁହେଁ ?

(A) ଦୀର୍ଘ ଆଡ଼ମ୍ବରପୂର୍ଣ୍ଣ ବାକ୍ୟ ବିନ୍ୟାସ (B) ଲଳିତ କୋମଳ ରଚନା

(C) ମାଧୁର୍ଯ୍ୟ ବ୍ୟଂଜକ ବର୍ଣ୍ଣ (D) ସମାସ ସ୍ୱଳ୍ପତା

16. କେଉଁ ଉପନିଷଦ୍‌ରେ 'ରସୋ ବୈ ସଃ'ର ଉଲ୍ଲେଖ ଅଛି ?

(A) କଠ (B) କେନ

(C) ତୈତ୍ତିରୀୟ (D) ଐତରେୟ

OdishaJobAlert.Net

17. କେଉଁଟି କ୍ଲାସିସିଜିମ୍‌ର ଲକ୍ଷଣ ନୁହେଁ ?

(A) ଔଚିତ୍ୟବୋଧ
(B) ମର୍ଯ୍ୟାଦାବୋଧ
(C) ପରଂପରା ପ୍ରୀତି
(D) ଦୁଃସାହସିକତା

18: ବିଭିନ୍ନାର୍ଥବୋଧକ ଏକପ୍ରକାର ଶବ୍ଦମାନଙ୍କର ବାରମ୍ବାର ଆବୃତ୍ତି ହେଲେ କେଉଁ ଅଳଂକାର ହୁଏ ?

(A) ଅନୁପ୍ରାସ
(B) ଯମକ
(C) ଶ୍ଳେଷ
(D) ଉପମା

19. ''ନୀଳ ନୀରଦମାଳେ ଖେଳେ ଚପଳା, ଖଳ ପୀରତି ପ୍ରାୟେ ସଦା ଚପଳା'' – ଏଠାରେ କେଉଁ ଅଳ
ହୋଇଛି ?

(A) ଉତ୍‌ପ୍ରେକ୍ଷା
(B) ଶ୍ଳେଷ
(C) ଉପମା
(D) ବିଭାବନା

20. କେଉଁଠାରେ ଉତ୍‌ପ୍ରେକ୍ଷା ଅଳଂକାର ହୁଏ ?

(A) ଉପମେୟକୁ ଉପମାନ ରୂପେ ତର୍କଣା କରାଗଲେ
(B) ଉପମେୟ ଓ ଉପମାନ ମଧ୍ୟରେ ଅଭେଦ କଳ୍ପନା କରାଗଲେ
(C) ଉପମାନ ଅପେକ୍ଷା ଉପମେୟର ଉତ୍କର୍ଷ ବା ଅପକର୍ଷ ପ୍ରତିପାଦିତ ହେଲେ
(D) ବିନା କାରଣରେ କାର୍ଯ୍ୟର ଉତ୍ପତ୍ତି ଘଟିଲେ

21. ନିମ୍ନଲିଖିତ ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ ଲୋକସାହିତ୍ୟର ସଂଗ୍ରାହକ ନୁହଁନ୍ତି ?

(A) ଚକ୍ରଧର ମହାପାତ୍ର
(B) ଗୋପାଳଚନ୍ଦ୍ର ପ୍ରହରାଜ
(C) ମହେନ୍ଦ୍ର କୁମାର ମିଶ୍ର
(D) ଗୋବିନ୍ଦ ତ୍ରିପାଠୀ

22. ''ଆଜି ମଙ୍ଗନ କାଲି ବାହା
କୁଲା ଢାଉଁ ଢାଉଁ ବଜାଉ ଥା'' – ଏହି ଲୋକୋକ୍ତିଟି କେଉଁ ଉଦ୍ଦେଶ୍ୟରେ କୁହାଯାଇଛି .

(A) ଉଧାର ନେଇ ଶୁଝିବାକୁ ଦିନ ଗଡ଼ାଉଥିବା ବ୍ୟକ୍ତି
(B) ବ୍ୟର୍ଥ ପ୍ରେମିକ ପ୍ରତି କଟାକ୍ଷ
(C) ଆଜି ମଉଜ ମଜଲିସ, ଆଗକୁ ଅନେକ ଦୁଃଖ
(D) ଅଭିଜ୍ଞତାରୁ ମଣିଷ ଶିକ୍ଷା କରେ

23. ''କାୟା-ତରୁବର ପଞ୍ଚ ବିଡାଳ'' – ଏହି ପଦଟିରେ କେଉଁ ଅଳଙ୍କାର ବ୍ୟବହୃତ ହୋଇଛି ?

(A) ଉପମା
(B) ରୂପକ
(C) ବ୍ୟତିରେକ
(D) ପ୍ରତୀପ



OdishaJobAlert.Net

24. ନିମ୍ନଲିଖିତ କେଉଁ ଦୁଇଟି ଶବ୍ଦ 'ଧମଣ–ଚମଣ'ର ପ୍ରତିଶବ୍ଦ ନୁହଁନ୍ତି ?

(A) ଶଶୀ–ସୂର୍ଯ୍ୟ (B) ଆଳି–କାଳି

(C) ଲଳନା–ରସନା (D) ବିନ୍ଦୁ–ବଧୂ

25. ''ରନ୍ଧନ ଭୋଜନ ନ ଯୋଗାଇ ଯେ ତୀର୍ଥର'' – କେଉଁ ତୀର୍ଥର ?

(A) ଯମନିକ ତୀର୍ଥ (B) ଏକାମ୍ର ତୀର୍ଥ

(C) ବାରାଣସୀ ତୀର୍ଥ (D) ପ୍ରୟାଗ ତୀର୍ଥ

26. ମାଳତୀ ନଦୀ ତୀରରେ କେଉଁ ଋଷିଙ୍କ ତପସ୍ଥାନ ଥିଲା ?

(A) ବଶିଷ୍ଠ (B) ବିଶ୍ୱାମିତ୍ର

(C) ମାରକଣ୍ଡ (D) ଧନପାଳ

27. ''ରୂପେଣ ମନସିଜ ପ୍ରାକ୍ରମେ ସୁରପତି
କ୍ଷମାୟେ ପୃଥୀପତି ବଡ଼ିମାୟେ ମାରୁତି'' – କିଏ ?

(A) ଅର୍ଜୁନ (B) ଭୀମ

(C) ପରୀକ୍ଷିତ (D) ଅଭିମନ୍ୟୁ

28. ଭଗବାନ ବିଷ୍ଣୁ କେଉଁ ରାକ୍ଷସର ସ୍ତ୍ରୀ ହୋଇ ତାକୁ ବଧ କରିଥିଲେ ?

(A) ଜଳନ୍ଧର (B) ମହିଷାସୁର

(C) ଧୂମ୍ରଲୋଚନ (D) ବୈଲୋଚନ

29. ପାଣ୍ଡବଙ୍କ ଯଜ୍ଞରେ ଭଗବାନ କେଉଁ ନାମ ଧାରଣ କରିଥିଲେ ?

(A) ଅଚ୍ୟୁତ (B) ଅନନ୍ତ

(C) କରୁଣାକର (D) କୃପାସାଗର

30. କେଉଁ କାର୍ଯ୍ୟଜନିତ ଶାପରୁ ଭଗବାନ ଦାରୁ ରୂପ ହୋଇଥିଲେ ?

(A) ବ୍ରଜ ସ୍ତ୍ରୀଙ୍କ ସଙ୍ଗେ ପ୍ରୀତି କରିବାରୁ

(B) ତୁଳସୀର ସତୀତ୍ୱ ହରିବାରୁ

(C) ବ୍ରହ୍ମହତ୍ୟା କରିବାରୁ

(D) ସ୍ୱାମୀ ହତ୍ୟା କରିବାରୁ

31. କୃଷ୍ଣଙ୍କୁ ଶତ୍ରୁ ମନେକରି କିଏ ମୁକ୍ତି ପାଇଲା ବୋଲି 'ରାସପଞ୍ଚାଧ୍ୟାୟୀ'ରେ କୁହାଯାଇଛି ?

(A) କଂସ (B) ଶିଶୁପାଳ

(C) ଜରାସନ୍ଧ (D) ପୁତନା

OdishaJobAlert.Net

32. ''ତାହାଙ୍କ ପାଦେ ଏକ ଚିତ୍ତେ
ସେବା କରିବ ଅବିରତେ'' – କାହାର ପାଦରେ ?

(A) କୃଷ୍ଣଙ୍କର (B) ସ୍ୱାମୀଙ୍କର
(C) ଗୁରୁଙ୍କର (D) ଶାଶୂ ଶଶୁରଙ୍କର

33. ତାହାଙ୍କୁ ବୋଲି ବଡ଼ପଣ
ସେ ପାଇ ବିଷ୍ଣୁର ଚରଣ – କିଏ ?

(A) ପ୍ରେମିକ (B) କୃଷ୍ଣ
(C) ଗୋପୀ (D) ପିତାମାତା

34. ଭବସାଗରକୁ କବି କାହା ସହିତ ତୁଳନା କରିଛନ୍ତି ?

(A) ରଙ୍ଗପସରା (B) ନାଟଶାଳା
(C) ମାୟାବର୍ତ୍ତ (D) ମିଛ ଖେଳ

35. କୌଣସି ଗୋପୀର ବାମ ନେତ୍ର ସ୍ଫୁରିବାରୁ ସେ କ'ଣ ଭାବୁଥିଲା ?

(A) କୃଷ୍ଣଙ୍କର ବହୁତ କ୍ଷତି ହେବ
(B) କଂସ କୃଷ୍ଣଙ୍କୁ ଡାକିନେଇ ହତ୍ୟା କରିବ
(C) ମୁଁ କିପରି ଏ ବିଚ୍ଛେଦ ସହିବି
(D) କୃଷ୍ଣ ମୋ ଆଡ଼କୁ ଚାହିଁବେ ପରା

36. ଦାମୋଦର କାହିଁକି ରାଗି ମଥୁରାପୁରକୁ ଚାଲିଗଲେ ବୋଲି ଯଶୋଦା ମନେ କରିଛନ୍ତି ?

(A) ତେନ୍ତୁଳି ଛାଟରେ ପିଟିଲେ ବୋଲି (B) ଦଉଡ଼ିରେ ବାନ୍ଧିଲେ ବୋଲି
(C) ଅକ୍ରୂର ମାୟା କଲା ବୋଲି (D) ଇନ୍ଦ୍ର ସାତ ଦିନ ବୃଷ୍ଟି କଲା ବୋଲି

37. ସୀତାଙ୍କ ବାରତା ପାଇଲେ ରାମଚନ୍ଦ୍ର କ'ଣ କରିବେ ବୋଲି ସୀତା କୋଇଲିକୁ କହୁଛନ୍ତି ?

(A) ରାବଣକୁ ବଧକରି ବିଭୀଷଣକୁ ରାଜା କରିବେ
(B) ବାରାନିଧିରେ ବନ୍ଧ ବାନ୍ଧି ବେନି ଭ୍ରାତା ଏଠାକୁ ଆସିବେ
(C) ଶର ମୂନରେ ଲଙ୍କାକୁ ଉଡ଼ାଇ ଦେବେ
(D) ମୋତେ ସଙ୍ଗରେ ନେଇ ଅଯୋଧ୍ୟା ଫେରିଯିବେ

38. ''ତନୟ ଖେଳାଉଥାନ୍ତି ଭାଇ ବଳରାମ'' – ଏହି ପଦରେ ବ୍ୟବହୃତ 'ବଳରାମ' ଶବ୍ଦର କି ଗୂଢ଼ ଅର୍ଥ 'ଅର୍ଥ କୋଇଲି'ରେ କବି ଜଗନ୍ନାଥ ଦାସ ନିର୍ଣ୍ଣୟ କରିଛନ୍ତି ?

(A) ଜୀବ (B) ପରମ
(C) ନାସା (D) ଓଷ୍ଠ



OdishaJobAlert.Net

39. "କି କନ୍ଦର୍ପ ପୁଷ୍ପ ଚାମର ପ୍ରାୟେକ କମନୀୟ । କି କୃଷ୍ଣ ସର୍ପିଣୀ ପ୍ରାୟେକ ଶୋଭନୀୟ । କି ମର୍କତ ଲତାର ପ୍ରାୟେକ ଲୋଭନୀୟ । କି ଇନ୍ଦ୍ର ନୀଳମଣି ମାଳା ।" – ଏଇ ବର୍ଣ୍ଣନାଟି କାହାର ?

(A) ବିଦ୍ୟୁଲ୍ଲତା
(B) ବାହୁଲତା
(C) ଭ୍ରୂଲତା
(D) ତନୁଲତା

40. ରାଣୀ ଶଶୀପ୍ରଭାଙ୍କ ସ୍ୱପ୍ନ ବିଷୟ ଜାଣିବା ପାଇଁ ରାଜା ଅନଙ୍ଗ ପଦ୍ମାକର କେତେ ଜଣ ବୃଦ୍ଧ ପଣ୍ଡିତଙ୍କୁ ବସାଇ ଆଲୋଚନା କଲେ ?

(A) ଷୋଳ ଜଣ
(B) ଚଉଦ ଜଣ
(C) ବାର ଜଣ
(D) ନଅ ଜଣ

41. "କମଳମୁଖୀ କମଳା–କଣ୍ଠ–ମରକତମାଳା" – ବୋଲି କବି କାହାକୁ କହିଛନ୍ତି ?

(A) ସରସ୍ୱତୀ
(B) ଲକ୍ଷ୍ମୀ
(C) ବିଷ୍ଣୁ
(D) ଇନ୍ଦ୍ର

42. କେଉଁ ଘଟଣାକୁ ଗଙ୍ଗା ଯମୁନାର ସଂଗମ ବୋଲି କୁହାଯାଇଛି ?

(A) କୃଷ୍ଣଙ୍କ ସହିତ ଦୁର୍ଗା ଜନ୍ମ ନେବା
(B) ବଳରାମଙ୍କ ସହ କୃଷ୍ଣ ଜନ୍ମ ହେବା
(C) ବସୁଦେବ ସହିତ ଉଗ୍ରସେନର ସାକ୍ଷାତ ହେବା
(D) ଯମୁନା ପାରିହେବା ବେଳେ କାଳୀୟ ନାଗ ଫଣା ଟେକିବା

43. "କନକଲତା ନୀଳମଣି ସ୍ଥଳରେ ପବନେ ଢଳିଲା ପରାୟେ" – କବି ଏଠାରେ କେଉଁ ଦୃଶ୍ୟର ବର୍ଣ୍ଣନା କରିଛନ୍ତି ?

(A) କାମକ୍ରୀଡ଼ା
(B) ଜଳକ୍ରୀଡ଼ା
(C) ଦ୍ୟୁତକ୍ରୀଡ଼ା
(D) ମାଲକୁସ୍ତି

44. କାମର ଦ୍ୱିତୀୟ ଦଶାଟି କ'ଣ ?

(A) ଅଙ୍ଗସଙ୍ଗ ଆଶା
(B) ଗୁଣଶ୍ରବଣ
(C) ଚିନ୍ତା
(D) ବିଳାପ

45. ସ୍ନାନ ଗୁଣ୍ଡିଚା ଆଦି ସ୍ୱୟଂ ଲୀଳାରେ ପ୍ରଭୁ ଜଗନ୍ନାଥ କାହିଁକି ଆପଣାର ପ୍ରାସାଦରୁ ବାହାରି ଆସନ୍ତି ?

(A) ଭକ୍ତମାନଙ୍କୁ ଦର୍ଶନ ଦେବା ଲାଗି
(B) ପାପୀମାନଙ୍କୁ ଉଦ୍ଧାର କରିବା ଲାଗି
(C) ରାଜାଙ୍କୁ ଦେଇଥିବା ବର ଲାଗି
(D) ଅନ୍ତରଙ୍ଗ ଲୀଳାର ପ୍ରଚାର ଲାଗି

OdishaJobAlert.Net

46. ''ସ୍ନେହ ପୂର୍ଣ୍ଣରେ ଚନ୍ଦ୍ର ଚନ୍ଦ୍ର ଚୂର୍ଣ୍ଣରେ

ଖେଳିଲେ ତାରାଳି ସଂଗତେ,

ତ୍ରିଯାମା ରାମା ଶ୍ୟାମା ଅତିଶୟରେ

କସ୍ତୁରିକା ଦଳି ପିଙ୍ଗନ୍ତେ ।''

– ଏହି ବର୍ଣ୍ଣନାଟି କେଉଁ ଘଟଣାକୁ ସୂଚାଉ ଅଛି ?

(A) ଫଗୁ ଖେଳ (B) ବସନ୍ତକାଳୀନ ରାତ୍ରିର ଦୃଶ୍ୟ

(C) ପୁଷ୍ପିତ ଉପବନ (D) ପକ୍ଷୀମାନଙ୍କ କାକଳି

47. ଋଷି ବିଶ୍ୱାମିତ୍ରଙ୍କ ଗର୍ବ କାହିଁକି ଭାଙ୍ଗିଯିବ ବୋଲି କୁମାର ଚିନ୍ତା କରୁଛି ?

(A) ବିଶ୍ୱାମିତ୍ରଙ୍କ ଠାରୁ ସେ କଠୋର ତପସ୍ୱୀ ହେବ

(B) ବିନା ତପସ୍ୟାରେ ତାକୁ ବ୍ରହ୍ମପଦ ପ୍ରାପ୍ତ ହେବ

(C) ବିଶ୍ୱାମିତ୍ରଙ୍କ ପରି ସେ ଦ୍ୱିତୀୟ ସ୍ୱର୍ଗ ରଚିବ

(D) ତାକୁ ତାର ପ୍ରେମିକା ରାଜକୁମାରୀ ସହାୟକ ହେବ

48. ''କିତବ ସ୍ଫୁଟ ଘନେ ହରେ ସୂଚିତ

କଙ୍କ କେଳୀ ପ୍ରକଟ ହେଲା ବହୁତ ।'' – ଏହା କେଉଁ ଋତୁରେ ବର୍ଣ୍ଣନା ?

(A) ଗ୍ରୀଷ୍ମ (B) ବର୍ଷା

(C) ଶୀତ (D) ବସନ୍ତ

49. କବି ଅଭିମନ୍ୟୁ ରାଗମାର୍ଗୀ ପଣ୍ଡିତ କାବ୍ୟରସିକମାନଙ୍କୁ କାହିଁକି ମେଘ ସହିତ ତୁଳନା କରିଛନ୍ତି ?

(A) ମେଘ ସବୁ ସ୍ଥାନରେ ସମାନ ଭାବେ ବର୍ଷା କରେ

(B) ମେଘ ବର୍ଷା କରି ଗ୍ରୀଷ୍ମତାପ ନିବାରଣ କରେ

(C) ମେଘ ଲୁଣି ଓ ମଧୁର ଉଭୟ ସ୍ଥାନରୁ ପାଣି ସଂଗ୍ରହ କରିଥିଲେ ବି କେବଳ ମଧୁର ଜଳ ବୃଷ୍ଟି କରେ

(D) ଭକ୍ତରୂପୀ ଚାତକମାନଙ୍କ ମନକୁ ତୃପ୍ତ କରେ

50. ''ମୃଗାଙ୍କ ଅଙ୍କରୁ ଅମୃତ ବିନ୍ଦୁ କି ପ୍ରତି ରୋମୋଦ୍‌ଗମେ ପ୍ରଚାର'' – ଏହି ପଦରେ କାବ୍ୟନାୟିକା ଶ୍ରୀରାଧାଙ୍କ କେଉଁ ଅଙ୍ଗର ବର୍ଣ୍ଣନା ପ୍ରଦତ୍ତ ହୋଇଛି ?

(A) ହସ୍ତ (B) ପାଦ

(C) ମୁଖ (D) ବକ୍ଷ



OdishaJobAlert.Net

51. 'ସ୍ଥାନ ସ୍ଥିତ ନୀଳେନ୍ଦ୍ର ମଣି' – କିଏ ?

(A) ଚନ୍ଦ୍ର
(B) ସୂର୍ଯ୍ୟ
(C) ସଂଧ୍ୟାତାରା
(D) ଚନ୍ଦ୍ରରେ ଥିବା କଳଙ୍କ

52. ଲାଜ ଓ ପ୍ରୀତି ମଧ୍ୟରେ ବିବାଦ କେତେବେଳେ ବଢ଼େ ?

(A) ଗୁରୁଜନ ଲୋକଙ୍କ ସାଙ୍ଗରେ ଥାଇ ପ୍ରେମିକାର ଦେଖାହେଲେ
(B) ପ୍ରେମିକା ଓ ପ୍ରେମିକର ଏକାନ୍ତ ମିଳନ ସ୍ଥାନରେ
(C) ପ୍ରେମିକା ପ୍ରେମିକ ଉପରେ ଅଭିମାନ କରିଥିବା ବେଳେ
(D) ପ୍ରେମିକ ପ୍ରେମିକାର ପ୍ରଥମ ସାକ୍ଷାତ ସମୟରେ

53. ଛଣାସୁଧା ପରି ଦିଶୁଥିବା ପ୍ରେମିକାକୁ ଛୁଇଁଦେଲେ ସେ କ'ଣ ହୁଏ ?

(A) ଅମୃତ
(B) ବିଷ
(C) ମଣି
(D) ସୁନା

54. ରାଧାଙ୍କ ଆଖିରୁ କେତେବେଳେ ଡବ ଡବ ହୋଇ ବାରିପାତ ହେବ ବୋଲି ଲଳିତା କୃଷ୍ଣଙ୍କୁ କହିଛି ?

(A) ରାଧାକୃଷ୍ଣଙ୍କର ମିଳନ ହେଲେ
(B) ରାଧାକୃଷ୍ଣଙ୍କର ମିଳନ ନ ହେଲେ
(C) ରାଧାକୃଷ୍ଣଙ୍କ ପ୍ରେମ ବିଷୟ ପ୍ରଘଟ ହେଲେ
(D) ପ୍ରୀତି ଚୋର କୃଷ୍ଣ ଧରାପଡ଼ିଗଲେ

55. କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର 'ଶ' ଗୀତଟି କିଏ କାହା ଉଦ୍ଦେଶ୍ୟରେ କହିଛି ?

(A) ଲଳିତା ରାଧାଙ୍କୁ
(B) ଲଳିତା କୃଷ୍ଣଙ୍କୁ
(C) ମଧୁମଙ୍ଗଳ କୃଷ୍ଣଙ୍କୁ
(D) ରାଧା କୃଷ୍ଣଙ୍କୁ

56. କୃଷ୍ଣ ଗୋପପୁର ଛାଡ଼ି ଚାଲିଗଲେ ତାହା କିପରି ଦିଶିବ ବୋଲି ଗୋପୀମାନେ କହିଛନ୍ତି ?

(A) ରାଜାହୀନ ରାଜ୍ୟପରି
(B) ଜଳହୀନ ନଦୀପରି
(C) ସ୍ୱାମୀହୀନ ସ୍ତ୍ରୀ ପରି
(D) ପୁତ୍ରହୀନ ପିତାପରି

57. କଂସ କାହାକୁ ନପୁଂସକ ବୋଲି କହୁଛି ?

(A) ପ୍ରାଣ ଭୟରେ ଯେ ସ୍ତ୍ରୀମାନଙ୍କ ଗହଣରେ ଲୁଚେ
(B) ଯୁଦ୍ଧର ଆହ୍ୱାନରେ ଯେ ପଛଘୁଞ୍ଚା ଦିଏ
(C) ଅନ୍ୟକୁ ଦାୟିତ୍ୱ ଦେଇ ଯେ ଛପି ରହେ
(D) ନିଜର କାମ ଯେ ନିଜେ କରି ନ ଥାଏ



OdishaJobAlert.Net

58. ଗୋପିକାମାନେ ଚିଠିରେ କୃଷ୍ଣଙ୍କୁ 'ଦୀନବଂଧୁ' ନାମ ଛାଡ଼ି କି ନାମ ଧାରଣ କରିବାକୁ ପରାମର୍ଶ ଦେଇଛନ୍ତି

(A) ସୁଖୀବନ୍ଧୁ (B) ଦୁଃଖୀବନ୍ଧୁ

(C) ଭକ୍ତବନ୍ଧୁ (D) ଗୋପୀବନ୍ଧୁ

59. ସତ୍ୟ ଧର୍ମ ମାର୍ଗରେ କ'ଣ କ୍ଷୟ ହୁଏ ?

(A) ଦୟା (B) ଧର୍ମ

(C) ସମ୍ପଦ (D) ବିପଦ

60. ସ୍ତୁତି ଚିନ୍ତାମଣିର ସ୍ତୁତିଗୁଡ଼ିକୁ କ'ଣ କୁହାଯାଏ ?

(A) ଚଉପଦୀ (B) ଚଉତିଶା

(C) ବୋଲି (D) ପୋଇ

61. ୧୮୫୬ ମସିହାରେ ପ୍ରକାଶ ପାଇଥିବା 'ପ୍ରବୋଧ ଚନ୍ଦ୍ରିକା' ପତ୍ରିକାର ସମ୍ପାଦକ କିଏ ଥିଲେ ?

(A) ଉଇଲିଅମ୍ କେରି (B) ଆମ୍‌ସ ସଟନ୍

(C) ଡବ୍ଲ୍ୟୁ. ସି. ଲେସି (D) ଜେ. ଫିଲିପ୍‌ସ

62. ଅସମ୍ପୂର୍ଣ୍ଣ ଉପନ୍ୟାସ 'ଅନାଥିନୀ' କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

(A) ଉତ୍କଳ ମଧୁପ (B) ପ୍ରଦୀପ

(C) ଉତ୍କଳପ୍ରଭା (D) ନବ ସମ୍ବାଦ

63. 'ଉତ୍କଳ ଦର୍ପଣ' ପତ୍ରିକା କେଉଁ ପ୍ରେସ୍‌ରୁ ମୁଦ୍ରିତ ହେଉଥିଲା ?

(A) ଉତ୍କଳ ପ୍ରିଣ୍ଟିଂ କୋ. (B) ଉତ୍କଳ ହିତୈଷିଣୀ ପ୍ରେସ୍

(C) ଭିକ୍ଟୋରିଆ ପ୍ରେସ୍ (D) ଦେ ପ୍ରେସ୍

64. 'ଊନବିଂଶ ଶତକର ଦୁଇଟି ବିସ୍ମୃତ ସାହିତ୍ୟ ପତ୍ର : ଉତ୍କଳ ମଧୁପ ଓ ପ୍ରଦୀପ' – ଗ୍ରନ୍ଥଟିକୁ କିଏ ସଂପ
କରିଛନ୍ତି ?

(A) ସୁଦର୍ଶନ ଆଚାର୍ଯ୍ୟ (B) ବଂଶୀଧର ମହାନ୍ତି

(C) ସୁବୋଧ ପଟ୍ଟନାୟକ (D) ବାଉରିବନ୍ଧୁ କର

65. 'ଭାସ୍କର ପଣ୍ଡିତ' ଫକୀର ମୋହନଙ୍କ କେଉଁ ଉପନ୍ୟାସର ଚରିତ୍ର ?

(A) ଛ'ମାଣ ଆଠଗୁଣ୍ଠ (B) ମାମୁଁ

(C) ପ୍ରାୟଶ୍ଚିତ୍ତ (D) ଲଛମା

66. 'ମାଟି ମଟାଳ' ଉପନ୍ୟାସରେ ରବି କାହା ସାଙ୍ଗରେ ଗାଁ ଛାଡ଼ି ଫୁଲଶରାରେ ନୂଆ ସମାଜ ଗଠନ
ଦେଖିଛି ?

(A) ବଉ ମଲିକ (B) କିଶେଇ ଓଝା

(C) ହରି ସାହୁ (D) ମହି ଦଳପତି

OdishaJobAlert.Net

67. ମାନବେନ୍ଦ୍ର ଦାସ ନିମ୍ନୋକ୍ତ କେଉଁ ଉପନ୍ୟାସର ନାୟକ ?

(A) କାଳାନ୍ତର (B) ନେତି ନେତି

(C) ଅଚଳାୟତନ (D) ହଂସଗୀତି

68. "ଗାନ୍ଧିଜୀଙ୍କ ଅହିଂସାର ସାମୟିକ ପରାଜୟ ହୋଇଥିଲେ ମଧ୍ୟ, ମାଓ ଏବଂ ମାର୍କସଙ୍କ ହିଂସାବାଦ ସମାଧାନର ପ୍ରକୃଷ୍ଟ ପନ୍ଥା ହୋଇ ନ ପାରେ" – ଏହା ଶାନ୍ତନୁ ଆଚାର୍ଯ୍ୟଙ୍କ କେଉଁ ଉପନ୍ୟାସର ମାର୍ମିକ ବାର୍ତ୍ତା ?

(A) ନରକିନ୍ନର (B) ଶକୁନ୍ତଳା

(C) ଯାତ୍ରାର ପ୍ରଥମ ପାଦ (D) ଦକ୍ଷିଣାବର୍ତ୍ତ

69. 'ପାଟଦେଈ' ଗଳ୍ପ ସଂକଳନର ପ୍ରଥମ ଗଳ୍ପଟି କ'ଣ ?

(A) ଚିତ୍ରିତ ଅନ୍ଧାର (B) ସାହସୀ

(C) ପାଟଦେଈ (D) ପ୍ରହେଳିକା

70. ଉଭଟତାକୁ ଆଧାର କରି, ମଣିଷର ସୀମାହୀନ ଲୋଭ ଓ ଆସକ୍ତିର ପରିଣାମ ମନୋଜ ଦାସଙ୍କ କେଉଁ ଗଳ୍ପରେ ରୂପାୟିତ ?

(A) ସୀତାପାଇଁ ବର (B) ଶେଷ ବସନ୍ତର ଚିଠି

(C) କିମ୍ବଦନ୍ତୀର ଉପସଂହାର (D) ଜାଆଁଳା ଘାଇର କୂର୍ମ

71. ଭଗବତୀ ଚରଣଙ୍କ କେଉଁ ଗଳ୍ପରେ ଅସହାୟ ନାସ୍ତିକ ନାୟକ ଗଳ୍ପ ଶେଷରେ ଈଶ୍ୱରଙ୍କୁ ସ୍ମରଣ କରିଛି ?

(A) ଜୀବନର ସମାଧି (B) ମିଶ୍ରଙ୍କ କୋପ

(C) ଆରମ୍ଭ ଓ ଶେଷ (D) ଜଙ୍ଗଲି

72. କିଶୋରୀ ଚରଣ ଦାସ କେଉଁ ଗଳ୍ପ ସଂକଳନ ପାଇଁ ଶାରଳା ପୁରସ୍କାର ପାଇଥିଲେ ?

(A) ଠାକୁର ଘର (B) ଲକ୍ଷ ବିହଙ୍ଗ

(C) ଭଙ୍ଗା ଖେଳଣା (D) ଭିନ୍ନ ପାଉଁଶ

73. ନିମ୍ନୋକ୍ତ କେଉଁ ନାଟକରେ 'ଜେମୀ ଓ ରାଧୀ' ଦୁଇଟି ମୁଖ୍ୟ ଚରିତ୍ର ?

(A) ବାବାଜୀ (B) ସତୀ

(C) ପ୍ରୀତି (D) ବୃଦ୍ଧବିବାହ

74. କବିଚନ୍ଦ୍ର କାଳୀଚରଣଙ୍କ ପ୍ରଥମ ସାମାଜିକ ନାଟକ କେଉଁଟି ?

(A) ଆହୁତି (B) ଭାତ

(C) ଗାର୍ଲସ୍କୁଲ (D) ପ୍ରତିଶୋଧ

75. 'କାଠଘୋଡ଼ା' ନାଟକରେ ନିମ୍ନୋକ୍ତ କେଉଁ ଚରିତ୍ରଦ୍ୱୟ ଦେଖାଯା'ନ୍ତି ?

(A) ସରୋଜ ଓ କଲ୍ୟାଣୀ (B) ଅରୁଣ ଓ ଦୀପା

(C) ଅଶୋକ ଓ ଗୀତା (D) ସୁବ୍ରତ ଓ ଲିଲି

76. ଫକୀରମୋହନଙ୍କ 'ପେଟେଣ୍ଟ ମେଡ଼ିସିନ' ଗଳ୍ପକୁ କିଏ ନାଟ୍ୟରୂପ ଦେଇ 'ବାବୁ ଚନ୍ଦ୍ରମଣି' ନାମକରଣ କରିଥି

(A) କାଳୀଚରଣ ପଟ୍ଟନାୟକ (B) ଗୋପାଳ ଛୋଟରାୟ

(C) ମନୋରଞ୍ଜନ ଦାସ (D) ରାମଚନ୍ଦ୍ର ମିଶ୍ର

OdishaJobAlert.Net

77. "ଏ ଗ୍ରନ୍ଥରେ ଯାହା ଲେଖୁଛି ତାହା ମୋର ପ୍ରଜ୍ଞାବାଦ ନୁହେଁ, ଜାତିର ଅଧୋପତନରେ ମୋର ଆର୍ତ୍ତ ମାତ୍ର" – ନିଜର ଆତ୍ମଜୀବନୀରେ ଏହା କେଉଁ ଲେଖକଙ୍କର ବକ୍ତବ୍ୟ ?

(A) ଗୋଦାବରୀଶ ମିଶ୍ର
(B) ଲକ୍ଷ୍ମୀନାରାୟଣ ସାହୁ
(C) ହରେକୃଷ୍ଣ ମହତାବ୍
(D) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

78. "No one without a king size ego can write an autobiography" – ଏଇ ଉକ୍ତିଟି କେଉଁ ଆତ୍ମଜୀବନୀର ଆରମ୍ଭରେ ଦିଆଯାଇଛି ?

(A) ମୋ ସମୟର ଓଡ଼ିଶା
(B) ମୋ କାହାଣୀ
(C) ମୋ ବାରବୁଲା ଜୀବନ
(D) ମୋ ଫୁଟା ଡଙ୍ଗାର କାହାଣୀ

79. 'ଓଡ଼ିଆ ସାହିତ୍ୟରେ ଧସ୍ତାଧସ୍ତି' ନାମକ ପରିଚ୍ଛେଦଟି କେଉଁ ଆତ୍ମଜୀବନୀରେ ରହିଛି ?

(A) ମୋ ଫୁଟା ଡଙ୍ଗାର କାହାଣୀ
(B) ପାଣିକବିଙ୍କ ଆତ୍ମକାହାଣୀ
(C) ସାଧନାର ପଥେ
(D) ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ

80. 'ଜୀବନ ପଥେ' ପୁସ୍ତକଟିକୁ କେଉଁ ପ୍ରକାଶନ ସଂସ୍ଥା ପ୍ରଥମେ ପ୍ରକାଶ କରିଥିଲେ ?

(A) ଦାସ ବ୍ରଦର୍ସ
(B) ଗ୍ରନ୍ଥମନ୍ଦିର
(C) ସ୍ୱରାଜ ଆଶ୍ରମ
(D) ଜନଶକ୍ତି ପୁସ୍ତକାଳୟ

81. ବିପ୍ଳବୀ ସାମ୍ୟବାଦୀ କାବ୍ୟ ଆଭିମୁଖ୍ୟକୁ କେଉଁ କବି ସାହିତ୍ୟିକ ଆନ୍ଦୋଳନର ରୂପ ଦେଇଥିଲେ ?

(A) ରମାକାନ୍ତ ରଥ
(B) ସଚ୍ଚିଦାନନ୍ଦ ରାଉତରାୟ
(C) ସୀତାକାନ୍ତ ମହାପାତ୍ର
(D) ବ୍ରହ୍ମୋତ୍ରୀ ମହାନ୍ତି

82. କେଉଁ କାରାଗାରକୁ ପୃଷ୍ଠଭୂମି ରୂପେ ଗ୍ରହଣ କରି 'ବନ୍ଦୀର ଆତ୍ମକଥା' ରଚିତ ହୋଇଥିଲା ?

(A) ବ୍ରହ୍ମପୁର କାରାଗାର
(B) କଟକ କାରଗାର
(C) ହଜାରୀବାଗ କାରାଗାର
(D) ପାଟନା କାରାଗାର

83. କେଉଁ ଗ୍ରନ୍ଥ ଆଧାରରେ ଗଙ୍ଗାଧରଙ୍କ ତପସ୍ୱିନୀ ରଚିତ ?

(A) କମ୍ବନ ରାମାୟଣ
(B) କୃତ୍ତିବାସ ରାମାୟଣ
(C) ଜଗମୋହନ ରାମାୟଣ
(D) ବାଲ୍ମୀକି ରାମାୟଣ

84. "ଭେଟ ସମ୍ଭାଷଣ ବାରିଲେ ବାରଣ ମାନେ କି ପ୍ରେମିକା ମନ
ସୂକ୍ଷ୍ମକୁ ସ୍ଥୂଳରେ ପଥ ଓଗାଳିଲେ, ସ୍ଥୂଳ କି ତହିଁ ଭାଜନ ?" – ଏହାର ମର୍ମାର୍ଥ କେଉଁଟି ?

(A) ପ୍ରେମର ପଥ କଣ୍ଟକିତ
(B) ପ୍ରେମିକର ମନ ଆଶଂକିତ
(C) ପ୍ରେମ କୌଣସି ବାଧାବନ୍ଧନ ମାନେ ନାହିଁ
(D) ପ୍ରେମର ସାଧନା ଜଟିଳ

85. ଉତ୍କଳୀୟ ନୌବାଣିଜ୍ୟ ପରଂପରା ସମ୍ବନ୍ଧରେ ମାୟାଧର ମାନସିଂହର ରଚନା କେଉଁଟି ?

(A) କମଳାୟନ
(B) ସାଧବ ଝିଅ
(C) ହେମ ଶସ୍ୟ
(D) କ୍ରୁଶ୍

86. ସଚ୍ଚିଦାନନ୍ଦ ରାଉତରାୟଙ୍କ କେଉଁ କବିତା ସଙ୍କଳନ 'ଧୂସର' ଓ 'ଲୋହିତ' ନାମରେ ଦୁଇ ଭାଗରେ ବିଭକ୍ତ?

(A) ଅଭିଯାନ

(B) କବିତା-୧୯୬୨

(C) ପାଣ୍ଡୁଲିପି

(D) ଏସିଆର ସ୍ୱପ୍ନ

87. 'ଶ୍ରୀ ପଳାତକ'ରେ ରମାକାନ୍ତ ରଥ ମୁଖ୍ୟତଃ କେଉଁ ପରୀକ୍ଷା ନିରୀକ୍ଷା କ ୍ଛନ୍ତି ?

(A) ମିଥ୍

(B) ରୂପକଳ୍ପ

(C) ମନସ୍ତତ୍ତ୍ୱ

(D) ଚିତ୍ରକଳ୍ପ

88. ''ଏହି ତ ତୁମରି ଲୀଳା ନିତ୍ୟ ପୁରାତନ
ସେ ସକଳ ମେଳେ ତୁମେ ପାରିଛ ଆସନ
ନିତ୍ୟ ଶିଶୁ ! ଏ ତୁମ ସମ୍ବନ୍ଧ
ମାତ୍ର କାହିଁ ମୋର ସୀମା କରଇ ଆବଦ୍ଧ ।''
– ପଦଟି କେଉଁ କବିତାରୁ ଉଦ୍ଧୃତ ?

(A) ଶିଶୁ ସୃଷ୍ଟି

(B) ମୃତ୍ତିକା ଦର୍ଶନ

(C) ଶିଶୁ ଦର୍ଶନ

(D) ଶିଶୁ ସାଥୀ

89. 'ଘାସଫୁଲ' କବିତାରେ କେଉଁ ବାର୍ତ୍ତା ପ୍ରଦାନ କରାଯାଇଛି ?

(A) ଦିବ୍ୟ ଚେତନାର ଅବତରଣ

(B) ସାମାଜିକ ବିପ୍ଳବ

(C) ଜୀବନ ଘାସ ଫୁଲ ପରି ସୁନ୍ଦର

(D) ଘାସଫୁଲ ସବୁ ଫୁଲ ଠାରୁ ମହନୀୟ

90. ''ସବୁ ମଞ୍ଜି ଗଛ ହୁଏ ନାହିଁ, ସବୁ ଜଳ କ୍ଷେତରେ ବର୍ଷେ ନାହିଁ ।'' – ଏ ବିଚାର ପଣ୍ଡିତ ନୀଳକଣ୍ଠ ଦାସଙ୍କର କେଉଁ ପ୍ରବନ୍ଧରେ ବର୍ଣ୍ଣିତ ?

(A) ମୋ ନିଶ

(B) ଯୌବନର ପ୍ରଭାବ ଓ ପ୍ରତିଷ୍ଠା

(C) ଅନ୍ଧ ଓ ହେବୁ

(D) ଲାବଣ୍ୟବତୀ

91. ପ୍ରାବନ୍ଧିକ 'ବଟୁଆ'କୁ କାହାର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି ?

(A) ସୌନ୍ଦର୍ଯ୍ୟ

(B) ପରଂପରା

(C) ଝୁଲି

(D) ତ୍ୟାଜ୍ୟବସ୍ତୁ

92. ନିମ୍ନ ରଚନାମାନଙ୍କ ମଧ୍ୟରୁ କେଉଁଟି ରମ୍ୟ ରଚନା ?

(A) ମାଉସୀ

(B) ଜୀଅନ୍ତା ମଣିଷ

(C) ଶରଦୂତ

(D) ଯୁଗଧର୍ମ

93. 'ଓଡ଼ିଆ କେବେ' ପ୍ରବନ୍ଧ ସଂକଳନରେ ଇଂରେଜୀ ଭାଷା ପ୍ରତି ପ୍ରାବନ୍ଧିକଙ୍କ ଦୃଷ୍ଟିକୋଣ କ'ଣ ?

(A) ଇଂରେଜୀ ପ୍ରତି ପ୍ରାଥମିକତା ଦେବା

(B) ଇଂରେଜୀକୁ ଉଚ୍ଛେଦ କରିବା

(C) ହିନ୍ଦିକୁ ପ୍ରାଥମିକତା ଦେଇ ଇଂରେଜୀକୁ ଦ୍ୱିତୀୟ ସ୍ଥାନ ଦେବା

(D) ଓଡ଼ିଆ ସହ ଇଂରେଜୀ ମଧ୍ୟ ଶିକ୍ଷା କରିବା

OdishaJobAlert.Net

94. ନିମ୍ନ ରଚନାମାନଙ୍କ ମଧ୍ୟରୁ କେଉଁଟି ଚିତ୍ତରଂଜନ ଦାସଙ୍କର ?

(A) ବିଜ୍ଞାନ ବିପ୍ଳବ

(B) ଏକଲବ୍ୟ କଥା ଓ ଅନ୍ୟାନ୍ୟ ପ୍ରବଂଧ

(C) କ୍ରୀତଦାସର କାବ୍ୟ

(D) ଲୋକକଳା ଓ ଲୋକ ସଂସ୍କୃତି

95. ‘ସହାବସ୍ଥାନ’ ଭୁବନେଶ୍ୱର ବେହେରାଙ୍କର କେଉଁ ପ୍ରକାରର ରଚନା ?

(A) ଉପନ୍ୟାସ

(B) ରମ୍ୟ ରଚନା

(C) ଭ୍ରମଣ କାହାଣୀ

(D) ଗଳ୍ପ ସଂକଳନ

96. ବିଶ୍ୱନାଥ କରଙ୍କର ‘ମହାସ୍ରୋତ’ ଓ ‘ଅନନ୍ତ ପ୍ରେମ’ ପ୍ରବଂଧ କେଉଁ ପତ୍ରିକାରେ ପ୍ରକାଶିତ ହୋଇଥିଲା ?

(A) ଉତ୍କଳପ୍ରଭା

(B) ଉତ୍କଳ ମଧୁପ

(C) ଉତ୍କଳ ସାହିତ୍ୟ

(D) ଆଶା

97. ବିପିନ ବିହାରୀ ରାୟଙ୍କର ‘ପ୍ରବନ୍ଧ ସୋପାନ’ର ପ୍ରଥମ ପ୍ରକାଶ କାଳ କେବେ ?

(A) ୧୯୩୪

(B) ୧୯୩୬

(C) ୧୯୩୭

(D) ୧୯୩୮

98. ରତ୍ନାକର ପତିଙ୍କର ‘ସ୍ୱପ୍ନତତ୍ତ୍ୱ’ ପୁସ୍ତକଟିରେ କେଉଁ ଭାବଚେତନାର ବିଶ୍ଳେଷଣ କରାହୋଇଛି ?

(A) ଐତିହାସିକ

(B) ସାଂସ୍କୃତିକ

(C) ବୈଜ୍ଞାନିକ

(D) ଦାର୍ଶନିକ ଓ ମନସ୍ତାତ୍ତ୍ୱିକ

99. "ଜୀବନର ଯେତେ ଲୀଳା ଖେଳା
ଅଙ୍ଗେ ତୁହି ଧରିଛୁ ଅବଳା
ବେତ୍ର ହସ୍ତ ଅବଧାନେ ଚାଟଶାଳେ ଶାସିବାର ପିଲା–
ହେ ପାଷାଣି ! ତୋ ଠାରୁ ଶିଖିଲା"

– ଏହା କେଉଁ କବିତାଂଶ ଓ କାହାର କୃତି ?

(A) କୋଣାର୍କ, ମାୟାଧର ମାନସିଂ

(B) କୋଣାର୍କ, ସଚ୍ଚି ରାଉତରାୟ

(C) କୋଣାର୍କ, ନୀଳକଣ୍ଠ ଦାସ

(D) କୋଣାର୍କ, ସୁନ୍ଦରମଣି ପଟ୍ଟନାୟକ

100. ବ୍ରହ୍ମୋତ୍ରୀ ମହାନ୍ତିଙ୍କର ‘ସ୍ତବକ’ କବିତା ଗ୍ରନ୍ଥର ସମସ୍ତ କବିତାର ଅନ୍ତଃସ୍ୱର କ'ଣ ?

(A) ସୌନ୍ଦର୍ଯ୍ୟପ୍ରୀତି

(B) ବିଭୁପ୍ରୀତି

(C) ମାନବିକ-ସଂବେଦନା

(D) ଦେଶପ୍ରୀତି



OdishaJobAlert.Net